# ‘ଓଡ଼ିଆ ନାଟକର ନୂତନ ଦିଗ ଉନ୍ମୋଚନ କରିଥିଲେ ପ୍ରମୋଦ’

## କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ନାଟ୍ୟକାର ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ ସାରସ୍ୱତ ସଭା



ସମ୍ବଲପୁର,୨୯।୧୦(କାର୍ଯ୍ୟାଳୟ): କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ନାଟ୍ୟକାର ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ ଶନିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ‘ପ୍ରମୋଦ ତ୍ରିପାଠୀଙ୍କ ନାଟ୍ୟକୃତୀ’କୁ ନେଇ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡଃ ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଦସ୍ୟ ଡଃ ଶ୍ୟାମ ଭୋଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ, କଲିକାତାର ଆଞ୍ଚଳିକ ସଚିବ ଡଃ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଭାସି ଓ ପ୍ରତ୍ୟକ୍ଷ ସଭା ଜରିଆରେ ଯେତେ ବେଶୀ ଲୋକଙ୍କ ପାଖରେ ପହଞ୍ଚି ପାରିବା ତା’ଦ୍ୱାରା ସାହିତ୍ୟର ସମୁଚିତ ପ୍ରସାର ହୋଇପାରିବ ବୋଲି ଡଃ ଦେବେଶ ମତବ୍ୟକ୍ତ କରିଥିଲେ। ଡଃ ଦୀପଶିଖା ସୋହେଲା ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। ନାଟ୍ୟକାର ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ସଭାପତି ଡଃ ଦ୍ୱାରିକାନାଥ ନାୟକ କହିଲେ ଯେ ପ୍ରମୋଦଙ୍କ ନାଟକଗୁଡ଼ିକୁ ସମକାଳୀନ କୌଣସି ଅନ୍ୟ ନାଟକ ସହ ତୁଳନୀୟ ନୁହେଁ। କୌଣସି ନିର୍ଦ୍ଦିଷ୍ଟ ଶୈଳୀର ବନ୍ଧନରେ ସେ ନିଜକୁ ରଖି ନଥିଲେ। ପ୍ରମୋଦଙ୍କ ସମସ୍ତ ନାଟକ ଯଦି ମୁଦ୍ରଣ ହୋଇ ପାରିଥାନ୍ତା ତେବେ ତାହା ଓଡ଼ିଆ ସାହିତ୍ୟକୁ ବହୁ ଉଚ୍ଚସ୍ତରକୁ ନେଇଯାଇଥାନ୍ତା ବୋଲି ଡଃ ନାୟକ କହିଥିଲେ। ଡଃ ମୋହନ ସାହୁ କହିଲେ ଯେ ସମ୍ବଲପୁରୀ ନାଟକର ସୁବର୍ଣ୍ଣ ଯୁଗ ଆରମ୍ଭ ସମୟରେ ପ୍ରମୋଦଙ୍କ ଯୁଗାନ୍ତକାରୀ ଓଡ଼ିଆ ନାଟକ ସୃଷ୍ଟି ହୋଇଛି। ପ୍ରମୋଦଙ୍କ ନାଟକର ସଂଳାପ ବଳିଷ୍ଠ ଶବ୍ଦ ସଂଯୋଜନା ନେଇ ଭାବସ୍ପର୍ଶୀ ଓ ପ୍ରଭାବଶାଳୀ ହୋଇଥାଏ। ତାଙ୍କ ନାଟକର ପାଠକୀୟ ମୂଲ୍ୟ ସହ ନାଟକୀୟ ଓ ସାମାଜିକ ମୂଲ୍ୟ ମଧ୍ୟ ରହିଛି ବୋଲି ସେ କହିଥିଲେ। ଡଃ ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।